# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 101 CUTTACK, FRIDAY, JANUARY 11, 2019/PAUSA 21, 1940**


## ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

ତାରିଖ 2 ଜାନୁଆରୀ 2019

No. 49—L.A.I.-12/2018-WE.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government), ସରକାରୀ ବ୍ୟୟରେ ମୌଜା ବିଛଣାପଟି, ଥାନା ବଣାଇ ନଂ. ୧୯୩, ତହସିଲ ଲହୁଣୀପଡା, ଜିଲ୍ଲା ସୁନ୍ଦରଗଡ଼ରେ ନିମ୍ନ ତଫସିଲ ନିମନ୍ତେ ପ୍ରାୟ 4.590 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩, ୧୧(୧)ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର 60 (ଷାଠିଏ) ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ-୨), ପୂର୍ବତଟ ରେଳପଥ, ଅନୁଗୋଳ ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA Study vide No. 35854, ତାରିଖ ୨୮ ଅକ୍ଟୋବର ୨୦୧୭ ଦ୍ରଷ୍ଟବ୍ୟ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ବଣେଇ ।

୬ । ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ସୁନ୍ଦରଗଡ଼ | ଲହୁଣୀପଡା | ବିଛଣାପଟି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ୧୨.୬୯୦ ଏକର | ୪.୫୯୦ ଏକର | ଏଥିସହିତ ସଂଲଗ୍ନ ହୋଇଅଛି |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଭୂମି-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡ଼ଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

## ଭୂମି ଅନୁସୂଚୀ

| ଖାତା ନମ୍ବର | ପ୍ଲଟ୍ ନମ୍ବର | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଭୂ-ଅର୍ଜନ ରକବା | ହାଲ କିସମ | ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ବାସସ୍ଥାନ |
|---|---|---|---|---|---|
| (୧) | (୨) | (୩) ଏକର | (୪) ଏକର | (୫) | (୬) |
| ୫ | ୯୪୦ (ସ୍ଥ) | ୧.୮୮୦ | ୦.୨୯୦ | ଗୋଡ ଦୁଇ | ଉପେନ୍ଦ୍ର ନାୟକ, କରୁଣା ନାୟକ, କାଳ ନାୟକ, ପି. ଭୂଳେଶ୍ୱର ନାୟକ, ପଦ୍ମଲୋଚନ ନାୟକ, ଦୋଳଗୋବିନ୍ଦ ନାୟକ, ପି. ଧନୁଞ୍ଜୟ ନାୟକ, ଜା. ଗଣ୍ଡ, ବା. ସୁଆରପାଲି । |
| ୬ | ୯୨୬ | ୦.୬୧୦ | ୦.୬୧୦ | ବାହାଲ ସାଧାରଣ | କାନ୍ଦନ ସିଂ ଭୂମିଜ, ପି. ଲକ୍ଷ୍ମଣ ଭୂମିଜ, ଜା. ଭୂମିଜ, ବା. ନିଜଗାଁ । |
| | ୯୨୯ (ସ୍ଥ) | ୦.୭୪୦ | ୦.୫୬୦ | ବାହାଲ ସାଧାରଣ | |
| | ୯୩୨ (ସ୍ଥ) | ୦.୬୫୦ | ୦.୧୧୦ | ଗୋଡ ଦୁଇ | |
| | ୯୩୪ (ସ୍ଥ) | ୦.୬୦୦ | ୦.୫୫୦ | ବାହାଲ ସାଧାରଣ | |
| ୧୧ | ୯୨୫ (ସ୍ଥ) | ୧.୮୯୦ | ୦.୭୫୦ | ବାହାଲ ସାଧାରଣ | ଗଣେଶ୍ୱର ସିଂ ଭୂମିଜ, ପି. ମଙ୍ଗଲ ସିଂ ଭୂମିଜ, ଜା. ଭୂମିଜ, ବା. ନିଜଗାଁ । |
| ୨୪ | ୯୨୮ (ସ୍ଥ) | ୦.୯୫୦ | ୦.୩୪୦ | ବାହାଲ ସାଧାରଣ | ନବଘନ ବଡନାୟକ, ପି. ମାଧ ବଡନାୟକ, ଜା. ଗଣ୍ଡ, ବା. ନିଜଗାଁ । |
| ୪୫/୧୩ | ୯୩୦ (ସ୍ଥ) | ୦.୨୩୦ | ୦.୧୫୦ | ବାହାଲ ସାଧାରଣ | ରବି ଭୂମିଜ, ପି. ଗଣେଶ ଭୂମିଜ, ଜା. ଭୂମିଜ, ବା. ନିଜଗାଁ । |
| | ୯୩୭ (ସ୍ଥ) | ୦.୬୭୦ | ୦.୦୩୦ | ବାହାଲ ସାଧାରଣ | |
| ୪୫/୩୩ | ୭୪୫ (ସ୍ଥ) | ୨.୪୦୦ | ୦.୦୭୦ | ଗୋଡ ଏକ | ଦେହୁରୀ ମୁଣ୍ଡା, ପି. ଠବଲ ମୁଣ୍ଡା, ଜା. ମୁଣ୍ଡା, ବା. ବନ୍ଧବେର୍ଣ୍ଣା କୋଲନୀ । |
| | ୭୪୬ (ସ୍ଥ) | ୧.୫୨୦ | ୦.୫୮୦ | ମାଳ ସାଧାରଣ | |
| ୪୫/୫୫ | ୯୨୪ (ସ୍ଥ) | ୦.୬୫୦ | ୦.୫୫୦ | ବେର୍ଣ୍ଣା ସାଧାରଣ | ଜୟନ୍ତି ଗଡତିଆ, ପି. ମିତ୍ରଭାନୁ ଚାର୍ଦ୍ଦିଆ, ଜା. ଗଣ୍ଡ, ବା. ସୁଆର ପାଲି । |
| | ମୋଟ .. | **୧୨.୭୯୦** | **୪.୫୯୦** | | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ସୁରେନ୍ଦ୍ର କୁମାର ମୀନା**

ଜିଲ୍ଲାପାଳ, ସୁନ୍ଦରଗଡ଼

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2052—173+15